# ୟୁ. ପି. ରାଜ୍ୟ

# ବନାମ

# କାମାରୁଜ୍ଜାମା @ମାଲଭା ଏବଂ ଅନ୍ୟମାନେ

# ଫେବୃଆରୀ 25, 2002

# [ସୟଦ୍ ଶାହ ମହମ୍ମଦ କାଦ୍ରୀ ଏବଂ ଏସ୍. ଏନ୍. ଭରିଅଭା ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ପ୍ରକ୍ରିୟା ସଂହିତା, 1973:*

*ଦୋଷ ମୁକ୍ତି ବିରୁଦ୍ଧରେ ଅପିଲ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ କାରଣବିହୀନ ରାୟ ଦ୍ୱାରା ଏହାର ପ୍ରତ୍ୟାଖ୍ୟାନ - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଅଭିଯୁକ୍ତଙ୍କୁ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଆଇପିସି ଧାରା 147, 148 ଏବଂ 302/149 ଅନୁଯାୟୀ ଥିବା ଅପରାଧରୁ ଦୋଷ ମୁକ୍ତ କରାଯାଇଥିଲା - ଉଚ୍ଚ ନ୍ୟାୟାଳୟ ମାମଲାର ଯୋଗ୍ୟତା ଆଧାରରେ ବିଚାର କରିବା ଏବଂ ଏହାର ନିଷ୍ପତ୍ତି ପଛର କାରଣଗୁଡ଼ିକୁ ନଥିଭୁକ୍ତ କରିବା ଉଚିତ୍ ଥିଲା - ଆକ୍ଷେପିତ ରାୟଟି କାରଣବିହୀନ ଅଟେ ଏବଂ ଏକ କାରଣଯୁକ୍ତ ଆଦେଶର ଆବଶ୍ୟକତାକୁ ପୂରଣ କରେନାହିଁ । ଏକ ନିଶ୍ଚିତକାରୀ ରାୟ ନ୍ୟାୟାଳୟରେ କରାଯାଇଥିବା ଯୁକ୍ତିଗୁଡ଼ିକୁ ବିଚାର କରିବା ଆବଶ୍ୟକ ଏବଂ ଅପିଲ ଅଧୀନରେ ଥିବା ଆଦେଶ ସହିତ ଏକମତ ହେବାର କାରଣ ନଥିଭୁକ୍ତ କରିବା ଆବଶ୍ୟକ - ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶକୁ ବାତିଲ କରିଦିଆଯାଇଛି । ମାମଲାଟିକୁ ନୂତନ ଭାବେ ଫଏସଲା କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଯାଇଛି - ରାୟ - ନିଶ୍ଚିତକରଣ ରାୟ - ଏହାର ଆବଶ୍ୟକତା - ଭାରତୀୟ ପିଙ୍ଗଳ ସଂହିତା, 1860 - ଧାରା 147, 148, 302/149 ।*

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା: ଫୌଜଦାରୀ ଅପିଲ ସଂଖ୍ୟା 289/2002 ।

ଅପିଲ ସଂଖ୍ୟା 361/1996 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 29.11.99 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ୱାଇ. ପି. ସିଂହ, ସି. ସିଦ୍ଧାର୍ଥ ଏବଂ ଅଜୟ କେ. ଅଗ୍ରୱାଲ ।

ଉତ୍ତରଦାତାମାନଙ୍କ ତରଫରୁ ୟୁ. ଆର୍. ଲଳିତ, ସୁଶ୍ରୀ ସାଫିଆ ଖାନ୍, ଶକୀଲ୍ ଅହମ୍ମଦ ଏବଂ ସୁଶ୍ରୀ ସନ୍ଧ୍ୟା ଗୋସ୍ୱାମୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଫୌଜଦାରୀ ଅପିଲ ସଂଖ୍ୟା 361/1996 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ ନଭେମ୍ବର 29, 1999 ର ରାୟ ବିରୁଦ୍ଧରେ ଉତ୍ତର ପ୍ରଦେଶ ରାଜ୍ୟ ଅପିଲ କରିଛି । ଆକ୍ଷେପିତ ରାୟଟି ନିମ୍ନରେ ଦିଆଗଲା: -

> "ବିଜ୍ଞ ଏ. ଜି. ଏ. ଙ୍କୁ ଶୁଣିଲୁ ଏବଂ ଆକ୍ଷେପିତ ରାୟଟିକୁ ଅନୁଧ୍ୟାନ କରିଲୁ । ରାୟଟିକୁ ଅନୁଧ୍ୟାନ କରିବା ପରେ, ଏହି ଅପିଲରେ ଆପତ୍ତି କରାଯାଇଥିବା ଆକ୍ଷେପିତ ରାୟରେ ହସ୍ତକ୍ଷେପ କରିବା ପାଇଁ ଆମ୍ଭେ କୌଣସି ଉତ୍ତମ ଆଧାର ପାଇନାହୁଁ । ଅନୁରୋଧ କରାଯାଇଥିବା ମଞ୍ଜୁରୀକୁ ଅଗ୍ରାହ୍ୟ କରାଯାଉଛି, ସେହି ଅନୁଯାୟୀ ଅପିଲଟିକୁ ପ୍ରତ୍ୟାଖ୍ୟାନ କରାଯାଉଛି" ।

ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାମାନଙ୍କୁ ଶୁଣିବା ପରେ ଏବଂ ଆକ୍ଷେପିତ ରାୟଟିକୁ ଅନୁଧ୍ୟାନ କରିବା ପରେ, ଆମ୍ଭ ମତ ହେଉଛି ଯେ ଯେହେତୁ ଅଭିଯୁକ୍ତଙ୍କୁ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଆଇପିସି ଧାରା 147, 148 ଏବଂ 302/149 ଅନୁଯାୟୀ ଥିବା ଅପରାଧରୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା, ତେଣୁ ଅପିଲରେ ଉଚ୍ଚ ନ୍ୟାୟାଳୟ ମାମଲାଟିକୁ ଯୋଗ୍ୟତା ଆଧାରରେ ବିଚାର କରିବା ଉଚିତ ଥିଲା ଏବଂ ଏହାର ନିଷ୍ପତ୍ତି ପଛର କାରଣଗୁଡ଼ିକୁ ନଥିଭୁକ୍ତ କରିବା ଉଚିତ ଥିଲା । ଉପରୋକ୍ତ ରାୟଟି କାରଣବିହୀନ ଅଟେ ଏବଂ ଏକ କାରଣଯୁକ୍ତ ଆଦେଶର ଆବଶ୍ୟକତାକୁ ପୂରଣ କରେନାହିଁ । ଏକ ନିଶ୍ଚିତକାରୀ ରାୟ ନ୍ୟାୟାଳୟରେ କରାଯାଇଥିବା ଯୁକ୍ତିଗୁଡ଼ିକୁ ବିଚାର କରିବା ଆବଶ୍ୟକ ଏବଂ ଅପିଲ ଅଧୀନରେ ଥିବା ଆଦେଶ ସହିତ ଏକମତ ହେବାର କାରଣଗୁଡ଼ିକୁ ନଥିଭୁକ୍ତ କରିବା ଆବଶ୍ୟକ । ତେଣୁ ଆମ୍ଭେ ଉକ୍ତ ରାୟକୁ ବାତିଲ କରିବାକୁ, ଅପିଲଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନଥିରେ ପୁନରୁଦ୍ଧାର କରିବାକୁ ଏବଂ ଆଇନ ଅନୁଯାୟୀ ନୂତନ ଭାବେ ଫଏସଲା କରିବାକୁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଇବାକୁ ବାଧ୍ୟ ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି ।

ଆର୍. ପି. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**